# GOVERNMENT OF ODISHA
## ELECTRONICS & INFORMATION TECHNOLOGY DEPARTMENT

PRESS BRIEF

## Odisha Electronics Policy 2021

Promotion of Electronics & electronics manufacturing sector in the State is the focus area of Government of Odisha. To stimulate the Electronics System Design and Manufacturing (ESDM) industry in our state, the Odisha Electronics Policy 2021 has been formulated.

Odisha Electronics Policy 2021 has been conceptualized to position Odisha as an attractive destination for the Electronics industry by providing a congenial, industry friendly and proactive industrial climate with class leading infrastructure, supporting facilities and policy initiatives. These, coupled with a skilled workforce would create a favourable ecosystem for growth and development of the Electronics industry in Odisha

This Policy aspires to promote excellence and innovation in the Electronics sector and significantly augment availability of skilled manpower with a special focus on fostering a culture of research, innovation and entrepreneurship by building an ecosystem of interlinked Academia-Industry-Professional-Leaders. It also aims to give emphasis on MSME enterprises as the growth drivers of the economy.

Highlights of the incentives in Odisha Electronics Policy 2021 are given below :

**1. Production Linked Incentive (PLI)**

New investment and expansion can avail production Linked Incentive(PLI) @ 1% of annual turnover for 5 years starting from year of commencement of production, on first come first serve basis for first 10 investments.

**2. Fixed Capital Investment Subsidy (FCI)**

Subsidy of range from Rs.10 crores to Rs. 250 crores will be provided to ESDM Units on the basis of their fixed capital investment.

**3. Power Incentives:**

Exemption of Electricity Duty and Electrical Inspection Fees for a period of 5 Years. The eligible ESDM Units would be provided subsidy on power bill for a period of 5 years at 30% limited to Rs. 50 Lakhs per unit.

**4. Land Incentives:**

100% exemption of stamp duty and 50% exemption on second transaction. Reimbursement of 100% of land conversion charges payable for converting land from agricultural use of industrial use.

**5. Assistance to Women Entrepreneurs and Person with Disabilities**

Additional subsidy of 10% of Investment Subsidy limited to Rs. 1 Crore will be provided to Entrepreneurs who are Women, SC/ST or persons with Disabilities. Provision of additional 25% subsidy on lease rentals up to Rs. 10 Lakhs per Annum for 5 years will be provided.

**6. Incentives for Local Enterprises**

The Government will provide special incentives to units that employ local youths on their roll. Local Enterprises are eligible to get set preference in public procurement as provided to the MSMEs, Start-ups as per OGFR/Finance Department's OM.

**7. Green and Self-Power Generating:**

25% reimbursement on cleaner/greener production measures limited to Rs. 20 lakhs per unit on the basis of certification by accredited certifying agencies.

**8. Human Capital Investment Subsidy:**

Recruitment Assistance shall be provided at Rs. 8000 per newly recruited regular employee who are domiciles of Odisha with a maximum limit of Rs. 30 Lakhs for a period of 3 years. Additional Rs. 2000 will be provided for the employees who are Woman, SC/ST or person with disabilities.

**9. Interest Subsidy:**

Eligible Units shall be entitled to interest subsidy for timely payment @5 % per annum on term loan availed from Public Financial Institutions/Banks for a period of 6 Years from the date of commencement of production.

**10. State GST Reimbursement:**

Reimbursement of 100% State Component of GST(SGST) as per actual paid for a period for 5 Years from the date of state of commercial production limited to 100% of the Fixed Capital Investment will be provided .

An Apex Committee chaired by the Chief Secretary will be formed to monitor the Policy implementation with regard to its target and objectives. The Odisha Computer Applications Centre(OCAC) on behalf on E&IT Department will be responsible for day-to-day monitoring of various activities under this policy.

This scheme will remain in force until 31st March,2026 or till substituted by another scheme.

***

# ଓଡ଼ିଶା ସରକାର
## ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ

***

## ଗଣମାଧ୍ୟମ ନିମନ୍ତେ ସଂକ୍ଷିପ୍ତ ସୂଚନା

## ଓଡ଼ିଶା ଇଲେକ୍ଟ୍ରୋନିକ୍ସ ନୀତି ୨୦୨୧

ଓଡ଼ିଶା ଇଲେକ୍ଟ୍ରୋନିକ୍ସ ଶିଳ୍ପର ପ୍ରସାର ନିମନ୍ତେ ଓଡ଼ିଶା ସରକାର ଅଗ୍ରାଧିକାର ଦେଉଛନ୍ତି। ଆମ ରାଜ୍ୟରେ ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡ଼ିଜାଇନ୍ ଓ ମାନୁଫ୍ୟାକ୍ଚରିଙ୍ଗ ଶିଳ୍ପ (ଇ.ଏସ୍.ଡ଼ି.ଏମ୍) ତ୍ୱରାନ୍ୱିତ କରିବା ନିମନ୍ତେ ଓଡ଼ିଶା ଇଲେକ୍ଟ୍ରୋନିକ୍ସ ନୀତି ପ୍ରସ୍ତୁତ କରାଯାଇଛି।

୨୦୨୬ ସୁଦ୍ଧା ଓଡ଼ିଶାକୁ ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ଇଲେକ୍ଟ୍ରୋନିକ୍ସ ନୀତି ୨୦୨୧ ଅନୁସାରେ ଶିଳ୍ପ ଉପଯୋଗୀ ବାତାବରଣ, ଉତ୍ତମ ଭିତ୍ତିଭୂମି, ଆନୁଷଙ୍ଗିକ ସହାୟତା ପ୍ରଦାନ କରାଯିବ।

ଇଲେକ୍ଟ୍ରୋନିକ୍ସ ଶିଳ୍ପର ଉନ୍ନତି ପାଇଁ ରାଜ୍ୟ ସରକାର କେତେକ ପଦକ୍ଷେପ ନେଇଛନ୍ତି। ସେଗୁଡ଼ିକ ହେଲା :-

(୧) ପ୍ରଥମ ୧୦ଟି ନୂତନ ପୁଞ୍ଜିନିବେଶ ଏବଂ ସଂପ୍ରସାରଣକୁ "ଉତ୍ପାଦନ ଭିତ୍ତିକ ସହାୟତା (Product Linked Incentive)" ବାବଦରେ ବାର୍ଷିକ କାରବାରର ଏକ ପ୍ରତିଶତ ଉତ୍ପାଦନ ଆରମ୍ଭରୁ ୫ ବର୍ଷ ପାଇଁ ଯୋଗାଇ ଦିଆଯିବ।

(୨) ଇସଡିମ ୟୁନିଟ୍ ଗୁଡିକୁ ସେମାନଙ୍କର ପୁଞ୍ଜିନିବେଶ ଆଧାରରେ ୧୦ କୋଟି ରୁ ୨୫୦ କୋଟି ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯିବ।

(୩) ଉଦ୍ୟୋଗୀମାନଙ୍କୁ ବିଦ୍ୟୁତ୍ ଶୁଳ୍କ (Electricity Duty), Inspection Fee ୫ ବର୍ଷ ପର୍ଯ୍ୟନ୍ତ ଛାଡ଼ କରାଯିବ। ଯୋଗ୍ୟ ଉଦ୍ୟୋଗୀମାନଙ୍କୁ ବିଦ୍ୟୁତ୍ ବିଲ୍‌ର ୩୦% ସର୍ବାଧିକ ଟ.୫୦.୦୦ ଲକ୍ଷ ପର୍ଯ୍ୟନ୍ତ ରିହାତି ମିଳିବ।

(୪) ଉଦ୍ୟୋଗୀମାନଙ୍କୁ ଜମି କ୍ରୟ ସମୟରେ ଷ୍ଟାମ୍ପ ଡ୍ୟୁଟି ୧୦୦% ଏବଂ ଦ୍ୱିତୀୟଥର ପାଇଁ ୫୦% ଛାଡ଼ କରାଯିବ। ଚାଷ ଜମିକୁ ଶିଳ୍ପ ଉପଯୋଗୀ ଜମିରେ ପରିବର୍ତ୍ତନ କରିବା ପାଇଁ ହେଉଥିବା ଖର୍ଚ୍ଚର ୧୦୦% ଯୋଗାଇ ଦିଆଯିବ।

(୫) ମହିଳା, ଅନୁସୂଚୀତ ଜାତି / ଜନଜାତି ଓ ଭିନ୍ନକ୍ଷମ ଉଦ୍ୟୋଗୀମାନଙ୍କୁ ୧୦ ପ୍ରତିଶତ ସର୍ବାଧିକ ୧ କୋଟି ପର୍ଯ୍ୟନ୍ତ ଅତିରିକ୍ତ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଯେଉଁମାନେ ଲିଜ୍‌ରେ କରୁଥିବେ ସେମାନଙ୍କୁ ଅତିରିକ୍ତ ୨୫% ସର୍ବାଧିକ ୧୦ ଲକ୍ଷ ପର୍ଯ୍ୟନ୍ତ ରିହାତି ୫ ବର୍ଷ ପର୍ଯ୍ୟନ୍ତ ଯୋଗାଇ ଦିଆଯିବ।

(୬) ସ୍ଥାନୀୟ ଅଞ୍ଚଳର ଉଦ୍ୟୋଗୀମାନଙ୍କୁ ଅଗ୍ରାଧିକାର ଦେବାର ବ୍ୟବସ୍ଥା ରହିଛି। ଯେଉଁ ଉଦ୍ୟୋଗୀମାନେ ସ୍ଥାନୀୟ ଅଞ୍ଚଳର ଯୁବକ ମାନଙ୍କୁ ନିଯୁକ୍ତି ଯୋଗାଇ ଦେବେ ସେମାନଙ୍କୁ ଅତିରିକ୍ତ ପ୍ରୋତ୍ସାହନ ଯୋଗାଇ ଦିଆଯିବ।

(୭) ରାଜ୍ୟ ସରକାର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ନିଯୁକ୍ତି ନିମନ୍ତେ ଓଡ଼ିଶାର ଲୋକମାନଙ୍କ ନିମନ୍ତେ ସର୍ବନିମ୍ନ ଟ. ୮୦୦୦ ରୁ ଟ. ୩୦ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ୩ ବର୍ଷ ପାଇଁ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ମହିଳା, ଅନୁସୂଚୀତ ଜାତି / ଜନଜାତି, ଭିନ୍ନକ୍ଷମ କର୍ମଚାରୀ ମାନଙ୍କ ପାଇଁ ଅତିରିକ୍ତ ଟ.୨୦୦୦ ପର୍ଯ୍ୟନ୍ତ ସାହାଯ୍ୟ ଯୋଗାଇ ଦେବେ।

(୮) ଯେଉଁ ଇଲେକ୍ଟ୍ରୋନିକ୍ସ ଶିଳ୍ପଦ୍ୟୋଗୀ ମାନେ ଦୀର୍ଘ ମିଆଦି ସୂତ୍ରରେ ବ୍ୟାଙ୍କ / ଆର୍ଥିକ ସଂସ୍ଥାରୁ ଋଣକରି ଠିକ୍ ସମୟରେ ପରିଶୋଧ କରୁଥିବେ, ସେମାନଙ୍କ ଋଣ ଉପରେ ବାର୍ଷିକ ୫ ପ୍ରତିଶତ ସୁଧ ରିହାତି ୬ ବର୍ଷ ପର୍ଯ୍ୟନ୍ତ କରାଯିବ।

(୯) ସଫଳ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ବ୍ୟବସାୟୀକ ଉତ୍ପାଦନ ଆରମ୍ଭରୁ ୫ ବର୍ଷ ପର୍ଯ୍ୟନ୍ତ ଶତ ପ୍ରତିଶତ SGST ଛାଡ଼ କରାଯିବ।

(୧୦) ଶିଳ୍ପ ଅନଗ୍ରସର ଅଞ୍ଚଳରେ ସ୍ଥାପକ କରୁଥିବା ପ୍ରଥମ ୫ଟି କମ୍ପାନୀକୁ ପ୍ରଥମ ୩ ବର୍ଷ ପାଇଁ ୧୦୦% ମ୍ୟୁନିସ୍‌ପାଲଟି ଟ୍ୟାକ୍ସ ଛାଡ଼ କରାଯିବ।

ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚ ସମ୍ପନ୍ନ କମିଟି ଗଠନ କରାଯାଇ ଏହି ପଲିସ୍‌ର କାର୍ଯ୍ୟାନ୍ୱୟନ ତଦାରଖ କରାଯିବ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ତରଫରୁ ଓକାକ୍ ବିଭିନ୍ନ ପ୍ରକାର ଦୈନନ୍ଦିନ କାର୍ଯ୍ୟର ତଦାରଖ କରିବ।

ଏହି ଯୋଜନା ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ କିମ୍ବା ସେହିଭଳି ଅନ୍ୟ ଯୋଜନା ଆସିବା ପର୍ଯ୍ୟନ୍ତ ବଳବତ୍ତର ରହିବ।

***